# ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବସ୍ ମାଲିକଙ୍କ ସମ୍ବନ୍ଧେ ସଂଶୋଧିତ ବିଜ୍ଞାପନ

## ଶୁଦ୍ଧିପତ୍ର

ଏତଦଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟର ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ଅନୁମତି ପତ୍ର (**permit**) ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍ ଗୁଡିକର ପଞ୍ଜୀକରଣ ସଂଖ୍ୟା (Registration Number), ମାଲିକଙ୍କ ନାମ, ଆବେଦନ କରିଥିବା ମାର୍ଗ ଏବଂ ସମୟ ପରିବହନ ପ୍ରାଧିକରଣଙ୍କର website http://odishatransport.gov.in ଏବଂ http://opms.odishatransport.gov.in ରେ ଉପଲବ୍ଧ । ନୂତନ ଦରଖାସ୍ତ ୨୫.୧୧.୨୦୨୬ ପର୍ଯ୍ୟନ୍ତ online ମାଧ୍ୟମରେ ରେ ଗ୍ରହଣ କରାଯିବ । ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତ୍ତି ଥାଏ ତାହେଲେ Odisha Permit Management System (OPMS) ଏବଂ ori_stalaw@yahoo.co.in ରେ ବସ୍ ମାଲିକମାନେ ୩୦.୧୧.୨୦୨୬ ତାରିଖ ସୁଦ୍ଧା ଆପତ୍ତି/ଅଭିଯୋଗ ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତ୍ତି ଦାଖଲ କରିପାରିବେ । ଧାର୍ଯ୍ୟ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣୀ ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ଷଷ୍ଠ ମହଲା, ରାଜସ୍ୱପର୍ଷଦ ଭବନ, କଟକଠାରେ video Conferencing ମାଧ୍ୟମରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ଶୁଣାଣୀ ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୧୦.୧୨.୨୦୨୬ | ୧୧.୩୦ ଘଟିକା |
| ୧୦୧ ରୁ ଶେଷ ପର୍ଯ୍ୟନ୍ତ | ୧୧.୧୨.୨୦୨୬ | ୧୧.୩୦ ଘଟିକା |

ଏଥିନିମନ୍ତେ ଦରଖାସ୍ତ ଏବଂ ଆପତ୍ତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟରେ video Conferencing Link (http://odishatransport.gov.in) ମାଧ୍ୟମରେ ନିଜ ଘରେ ଉପସ୍ଥିତ ରହି ନିଜର ପକ୍ଷ ମୌଖିକ ଭାବେ ରଖିପାରିବେ ।

ସଚିବ

ରାଜ୍ୟ ପରିବହନ ପ୍ରାଧିକାରୀ

ଓଡିଶା, କଟକ